ପୋଟଳ ଗୋଟିଏ ସବୁ ଦିନ ଚାହିଦା ଥିବା ପରିବା ଯାହାକି ଶୀତ ଦିନ ବ୍ୟତୀତ ବର୍ଷର ଅନ୍ୟ ସମସ୍ତ ଋତୁରେ ମିଳିଥାଏ ।ଏହାର ବଜାର ଦର ସବୁବେଳେ ଚଢା ରହିଥାଏ । ଏହାର ଫଳରେ ବିଭିନ୍ନ ପ୍ରକାରର ପୋଷକତତ୍ୱ ଭରପୁର ଥାଏ । ଏଥିରେ ୨% ପ୍ରୋଟିନ୍,୦.୩% ଫ୍ୟାଟ୍, ୨.୨% ଶ୍ୱେତସାର, ଭିଟାମିନ୍ କ , ଭିଟାମିନ୍ ଗ ଇତ୍ୟାଦି ମିଳିଥାଏ । ଏହା ମଧ ହୃଦୟ , ମସ୍ତିଷ୍କ ସୁସ୍ଥ ରଖିବାରେ ଓ ରକ୍ତ ସଞ୍ଚାଳନରେ ସାହାଯ୍ୟ କରିଥାଏ । ଏହାର ଫଳକୁ ତରକାରୀ, ଭଜା ଓ କେତକ କ୍ଷେତ୍ରରେ ଆଚାର ଆକାରରେ ବ୍ୟବହାର କରାଯାଇଥାଏ ।

## ଜଳବାୟୁ

ଏହା ପର୍ଯ୍ୟାପ୍ତ ବର୍ଷା ହେଉଥିବା ଉଷ୍ମ ଓ ଆଦ୍ର ଜଳବାୟୁରେ ଭଲ ବଢିଥାଏ । ଶୀତ ଦିନରେ ଏହା ସୁପ୍ତ ଅବସ୍ଥାକୁ ଚାଲି ଯାଏ । ୩୦-୩୫ ଡିଗ୍ରୀ ତାପମାତ୍ରାରେ ଏହା ଭଲ ବଢିଥାଏ । ଓଡିଶାର ଜଳବାୟୁ ପୋଟଳ ଚାଷ ପାଇଁ ବିଶେଷ ଅନୁକୂଳ ଅଟେ ।

## ମୃତ୍ତିକା

ବାଲିଆ, ଦୋରସା ଓ ନିଗିଡା ମାଟି ଏହା ପାଇଁ ଉପଯୁକ୍ତ ଅଟେ । ମାଟିରେ କୌଣସି ସମୟରେ ପାଣି ଜମା ହୋଇ ରହୁ ନ ଥିବା ଦରକାର । କ୍ଷାରୀ ଓ ଅମ୍ଳ ମାଟିରେ ଏହା ଭଲ ବଢେ ନାହିଁ ।

## କିସମ

**ସ୍ୱର୍ଣ ଅଲୌକିକ –** ଅଧିକ ଅମଳକ୍ଷମ, ଈଷତ ପାଉଁଶିଆ, ୫-୮ ଇଞ୍ଚ ଲମ୍ବ, ଟାଣ ଓ ପତଳା ଚୋପାଯୁକ୍ତ, ଏକର ପ୍ରତି ୭୦୦୦ ରୁ ୮୦୦୦ କେଜି ପର୍ଯ୍ୟନ୍ତ ଅମଳ ମିଳିଥାଏ ।

**ଅର୍କ ନୀଳାଚଳ କୀର୍ତ୍ତୀ-** ଅଧିକ ଅମଳକ୍ଷମ, ବର୍ତୁଳାକାର, ସବୁଜ ଗାରଯୁକ୍ତ , ଏକର ପ୍ରତି ୭୦୦୦ ରୁ ୮୦୦୦ କେଜି ପର୍ଯ୍ୟନ୍ତ ଅମଳ ମିଳିଥାଏ।

## ବଂଶ ବିସ୍ତାର

ଏକ ବର୍ଷ ବୟସ୍କ ଲତାକୁ ବା  କାଣ୍ଡକୁ କାଟି କିମ୍ବା ସୁପ୍ତ ଗଛରୁ ସଂଗୃହିତ ଗୁଚ୍ଛ ଶାଖା ମୂଳକୁ ଚାରା ହିସାବରେ ବ୍ୟବହାର କରାଯାଏ । ଏହାକୁ ନଭେମ୍ବର କିମ୍ବା ଡିସେମ୍ବରରେ ସଂଗ୍ରହ କରାଯାଏ ।
ଏହାର ମଞ୍ଜିରୁ ଚାରା କର ଯାଇ ନ ଥାଏ କାରଣ ଏଥରୁ କେଉଁଟା ମାଈ କିମ୍ବା କେଉଁଟା ଅଣ୍ଡିରା ଗଛ ହେବ, ତାହା ପ୍ରାଥମିକ ଅବସ୍ଥାରେ ଜଣା ପଡି ନଥାଏ ।

## ଜମି ପ୍ରସ୍ତୁତି

ଜମିକୁ ଭଲ ଭାବରେ ୨-୩ଥର ହଳ କରି ମାଟିକୁ ଭଲ ଭାବେ ଗୁଣ୍ଡ କରନ୍ତୁ ।



## ହୁଡା ବା ବେଡ ପ୍ରସ୍ତୁତି

୪ ଫୁଟ ବ୍ୟବଧାନରେ ୧ ଫୁଟ ଉଞ୍ଚା ଓ ୨ ଫୁଟ ଚଉଡାର ଶଯ୍ୟା ବା ବେଡ୍ ତିଆରି କରନ୍ତୁ ।

## ଖତ ଓ ସାର ପ୍ରୟୋଗ

ଚଉଡା ଶଯ୍ୟାରେ ବା ବେଡ୍‌ରେ ୫ଫୁଟ ବ୍ୟବଧାନରେ ୧ଫୁଟ X ୧ଫୁଟ X ୧ଫୁଟ ବିଶିଷ୍ଟ ଗାତ ଖୋଳି ସେଥିରେ ୧୦-୧୫ କେଜି ସଢା ଗୋବର ଖତ ଓ ୧କେଜି ଘନ ଜୀବାମୃତ ପ୍ରୟୋଗ କରାଯାଏ। ଏଥିରେ ୨୫- ୫୦ ଗ୍ରାମ୍ ମିଶ୍ରିତ ଅଣୁସାର ଦେଲେ ଭଲ । ଏ ସବୁ ନ ମିଳିଲେ ଗୋବର ଖତ ସହ ୧୦୦ ଗ୍ରାମ୍ ଡିଏପି ଓ ୨୦୦ ଗ୍ରାମ୍ ପଟାସ ସାର ବ୍ୟବହାର କରାଯାଇପାରେ ।

**ରୋପଣ ସମୟ:** ଚାରା ରୋପଣର ଉପଯୁକ୍ତ ସମୟ ହେଉଛି ଜୁନ୍-ଅଗଷ୍ଟ ଏବଂ ଅକ୍ଟୋବର-ନଭେମ୍ବର ।

**ପୁରୁଷ-ସ୍ତ୍ରୀ ଗଛର ଅନୁପାତ:** ସ୍ତ୍ରୀ ଗଛରୁ ଭଲ ଅମଳ ସୁନିଶ୍ଚିତ କରିବା ପାଇଁ ୧୦ ମାଈ ଚାରା ପ୍ରତି ୧ଟି ଅଣ୍ଡିରା ଚାରା ଲଗାଇବା ଜରୁରୀ ।

## ଜଳସେଚନ

**ପ୍ରଥମ ପାଣି ମଡାଇବା:** ଲଗାଇବା ପରେ ତୁରନ୍ତ ପାଣି ଦିଅନ୍ତୁ।

**ପରବର୍ତ୍ତୀ ଜଳସେଚନ :** ଶୀତ ଦିନେ ୭-୧୦ ଦିନ ବ୍ୟବଧାନରେ ଓ ଖରା ଦିନେ ୪-୫ ଦିନ ବ୍ୟବଧାନରେ ଜମିର ବତର ବା ଓଲ ଦେଖି ପାଣି ମଡାନ୍ତୁ।

ବୁନ୍ଦା  ଜଳସେଚନ: ଉଚ୍ଚା ଶଯ୍ୟାରେ ଥିବା ଗଛଗୁଡ଼ିକ ପାଇଁ ବୁନ୍ଦା ଜଳସେଚନ କରିବା ଭଲ।

## ଗଛ ଲଗାଇବା ପରବର୍ତ୍ତୀ ଖତ ସାର ପ୍ରୟୋଗ

ଗଛ ଲଗାଇବାର ୩୦ ଦିନ ପରେ ୧ ଲିଟର ଜୀବାମୃତ ମାଟିରେ ପ୍ରୟୋଗ କରାଯାଏ । ଏହା ପରେ ପ୍ରତ୍ୟେକ ୨୧ ଦିନ ବ୍ୟବଧାନରେ ପୁନଃ ପୁନଃ ପ୍ରୟୋଗ କରାଯାଇପାରେ । ଯଦି ମାଟିରେ ଅଣୁସାର ଚାଷ ସମୟରେ ଦିଆ ଯାଇନଥାଏ ଓ ଅଣୁ ସାରର ଅଭାବ ଦେଖାଯାଏ, ତେବେ   ୭୫-୧୦୦ ଗ୍ରାମ୍ ମଲ୍ଟିପ୍ଲେକସ୍ ବା କାଲ୍‌ବୋର୍ ୧୫ ଲିଟର ପାଣିରେ ମିଶାଇ ଗଛରେ ସନ୍ଧ୍ୟା ସମୟରେ ଜମିରେ ବତର ଥିବା ସମୟରେ ଗଛରେ  ପ୍ରୟୋଗ କରାଯାଇଥାଏ ।

## ଘାସ ଲତା ଓ ବାଲୁଙ୍ଗା ନିୟନ୍ତ୍ରଣ ଓ ପରିଚାଳନା

ବର୍ଷା ଦିନେ ଧାଡି ମଧରେ ହାତରେ ବା ୱୀଡର ଚଳାଇ ଘାସ ବଛାବଛି କରାଯାଇପାରେ । କିନ୍ତୁ ଦୁଇଟି ଗଛ ମଧରେ ଘାସ ଲତାକୁ ହାତରେ ବଛା ଯାଇଥାଏ । ଏହା ବ୍ୟତୀତ ବେଡ୍ ଉପରେ ଜରି ମଡାଇ



(ମଲଚିଙ୍ଗ୍) ଘାସ ଲତା ଦମନ କରାଯାଇପାରେ । ଅନ୍ୟଥା ନଡ଼ା, ଶୁଖିଲା ଡାଳ ପତ୍ର ବା ଶୁଖିଲା କଦଳୀ ପତ୍ର ବେଡ୍ ଉପରେ ଘୋଡାଇ ଘାସ ଲତା ଦମନ କରାଯାଇପାରେ ।

## ଗଛ କାଟିବା

ଶୀତ ଦିନେ (ଅକ୍ଟୋବର – ଡିସେମ୍ବର) ଫଳ ସରିଲା ପରେ ଓ ଡଙ୍କ ଶୁଖିବାକୁ ଆରମ୍ଭହେଲେ, ଗଛର ମୂଳକୁ ମାଟି ଠାରୁ ୨-୫ ଇଞ୍ଚ ରଖି କାଟି ଦେଇ  ଜମିରୁ ବାହାର କରାଯାଇଥାଏ । ଏହି କଟା ଡଙ୍କକୁ ଚାରା ପ୍ରସ୍ତୁତି ପାଇଁ ବ୍ୟବହାର କରାଯାଇପାରେ । କଟା ଯାଇଥିବା ମୂଳରୁ ନୂଆ ଶାଖା ଓ ଡଙ୍କ ବାହାରିବାକୁ ଆରମ୍ଭ କରେ । ଡଙ୍କ ଗୁଡିକ ୧.୫-୨ ଫୁଟ ହୋଇଗଲେ ମାଟି କୋଡାଖୁସା କରି ଆଗରୁ ବର୍ଣନା କରାଯାଇଥିବା ଅନୁସାରେ ଖତ ସାର ପ୍ରୟୋଗ କରିବା ଉଚିତ ।

## ରୋଗ ଓ ପୋକ ପରିଚାଳନା

### ଝାଉଁଳା ରୋଗ

ଏହି ରୋଗ ହେଲେ ଗଛଟି ହଠାତ ଝାଉଁଳି ଯାଏ ଓ ପରେ ପରେ ପତ୍ରଗୁଡ଼ିକ ହଳଦିଆ ପଡିଯାଏ। ଗଛ ମୂଳରେ ପାଣି ଜମିଲେ ଓ ପାଣି ନିଷ୍କାସନ ନ ହେଲେ ଏହି ରୋଗ ହୋଇଥାଏ । ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ମୂଳରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ଅନ୍ୟଥା ବାଭିଷ୍ଟିନ୍ ୧.୫ଗ୍ରାମ୍/ ୧ ଲିଟର ପାଣି , କାପଟାନ୍ ୨ଗ୍ରାମ୍/ ୧ ଲିଟର ପାଣି  ହିସାବରେ ସିଂଚନ କଲେ ସୁଫଳ ମିଳିଥାଏ ।

### ପତ୍ରପୋଡା ରୋଗ

ଗଛର ପତ୍ରରେ ଛୋଟ ଛୋଟ ଦାଗ ଦେଖାଯାଏ ଯାହା ପରେ ପରେ ବଡ ବଡ ହୋଇ ବାଦାମି ଓ କଳା ରଙ୍ଗରେ ପରିବର୍ତନ ହୋଇଥାନ୍ତି । ହାଣ୍ଡି ଖତ ଓ ନିମାସ୍ତ୍ର ଗଛ ମୂଳରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ ।  ଡିଥେନ୍ ଏମ୍ ୪୫ ୨ଗ୍ରାମ୍/୧ ଲିଟର ପାଣି ହିସାବରେ ପ୍ରୟୋଗ କଲେ ସୁଫଳ ମିଳିଥାଏ ।



## ପାଉଡରି ମିଲଡିଉ



ପତ୍ରରେ ଧଳା ଧଳା ଗୁଣ୍ଡ ଗୋଲାକାର ଆକୃତିର ଦେଖାଯାଏ ଓ ପତ୍ରଟି କ୍ରମେ କ୍ରମେ ବାଦାମି ରଙ୍ଗ ହୋଇ ଶୁଖିଯାଏ ଓ ମରିଯାଏ । ରିଡୋମିଲ୍ ୨.୫ ମିଲି/ ଲିଟର ପାଣି ହିସାବରେ ପ୍ରୟୋଗ କଲେ ଏହା ନିୟନ୍ତ୍ରଣ ହୋଇଥାଏ ।

## ମୋଜାଇକ ବା ସାହେବୀ ରୋଗ




ପତ୍ରରେ ସବୁଜ ଓ ହଳଦିଆ ଦାଗ କ୍ରମାନ୍ୱୟରେ ଦେଖାଯାଇଥାଏ । ଏହି ରୋଗ ହେଲେ ଖାଦ୍ୟ ତିଆରି ପ୍ରକ୍ରିୟାରେ ବାଧା ସୃଷ୍ଟି ହୋଇ ଅମଳ କମି ଯାଇ ଥାଏ । ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ଏହା ବ୍ୟତିତ ମାଲାଥିୟନ୍ ୨ମିଲି/୧ଲିଟର ପାଣି ବା ଇମିଡାକ୍ଲୋପ୍ରିଡ୍ ୪ମିଲି /୧୦ ଲିଟର ପାଣି ହିସାବରେ ମିଶାଇ ଗଛରେ ସିଂଚନ କରାଯାଇପାରେ ।

## ଲାଲ କଖାରୁ ପୋକ



ବୟସ୍କ କୀଟ ପତ୍ରକୁ ଗୋଲାକାରରେ କାଟି ଖାଇଥାଆନ୍ତି । ନିମାସ୍ତ୍ର ଗଛ ପତ୍ରରେ ପ୍ରୟୋଗ ଦ୍ୱାରା ଏଥିରୁ ଉପସମ ମିଳିଥାଏ । ସେଭିନ୍ ବା କାର୍ବାରିଲ୍ ୨ଗ୍ରାମ୍/୧ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ ।

## ଗଣ୍ଠି ବିନ୍ଧା ପୋକ

ଏହି ପୋକଟି ଡାଳ କଣା କରି ପଶି ଗଣ୍ଠି ଆଡକୁ ଆଗେଇଥାଏ । କଣା ହୋଇଥିବା ଜାଗାରେ ଅଠାଳିଆ ପଦାର୍ଥ ସବୁ ଜମା ହୋଇଥାଏ । ଛୋଟ ଅବସ୍ଥାରେ ଗଛଗୁଡିକ ମରିଯାଇଥାନ୍ତି । କିନ୍ତୁ ବୟସ୍କ ଗଛ ନ ମରିଲେ ମଧ ଫସଲର ଅମଳ କମି ଯାଇଥାଏ । ଫେନଭାଲେରେଟ୍ କୀଟନାଶକ ୨ମିଲି / ୧ ଲିଟର ପାଣି ହିସାବରେ ମିଶାଇ ସିଂଚନ କରାଯାଇଥାଏ । ଧୂଆଁ ପତ୍ର ପାଣି ସିଂଚନ ମଧ କରାଯାଇଥାଏ ।



## ଫଳ ମାଛି

ଏହି ମାଛିର ଶୂକ ଫଳକୁ ଖାଇ ନଷ୍ଟ କରିଦିଏ । ଏହା ଏକ ମାରାତ୍ମକ ପୋକ ଅଟେ । ଏକର ପ୍ରତି ୪-୫ଟି ଫେରୋମନ୍ ଯନ୍ତା ବସାଇବା ଦରକାର । ୨ମିଲି ମାଲାଥିୟନ୍ ୧୦ଗ୍ରାମ୍ ଗୁଡ ଓ ୧ଲିଟର ପାଣି ମିଶାଇ ଏକ ଦ୍ରବଣ ପ୍ରସ୍ତୁତ କରି ଏଥିରୁ କିଛି ମାତ୍ରା ଚଟକା ପାତ୍ରରେ ଜମି ମଧରେ ରଖିଲେ ମାଛିଗୁଡିକ ଆକର୍ଷିତ ହୋଇ ଏହା ଖାଇ ମରି ଯାଇଥାନ୍ତି ।

## ଲାଲ ବୁଢିଆଣୀ ମାଇଟ



ଏମାନେ ପତ୍ର ଓ ଡାଳରେ ଜାଲ ତିଆରି କରିଥାନ୍ତି ଓ ପତ୍ରର ତଳ ପଟେ ରହି ରସ ଶୋଷୀ ଖାଇଥାନ୍ତି। ଫଳରେ ପତ୍ରଟି ମୋଟା ହୋଇ ମରି ଯାଇଥାଏ । ନିମ୍ବ ତେଲ ୫ମିଲି/୧ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ । ଡାଇକୋଫଲ୍ ୨-୩ ମିଲି/୧ ଲିଟର ପାଣି ହିସାବରେ ପ୍ରୟୋଗ କରାଯାଇପାରେ ।

## ଚେର ଗଣ୍ଠି ନେମାଟୋଡ

ଏହି ନେମାଟୋଡ୍ ଆକ୍ରମଣ କଲେ, ଚେରରେ ସବୁ ଗଣ୍ଠି ସୃଷ୍ଟି ହୋଇଥାଏ । ଗଛର ବୃଦ୍ଧି କମ୍ ହୋଇଥାଏ । ଗଛର ପତ୍ର ଛୋଟ ଓ ହଳଦିଆ ହୋଇଥାଏ । ଡଙ୍କଗୁଡିକ ଶୁଖି ଯାଇଥାନ୍ତି । ଗଛ ଲଗାଇବା ବେଳେ ଗତ ପ୍ରତି ୫୦୦ ଗ୍ରାମ୍ ନିମ୍ବ ପିଡିଆ ଦେଲେ, ଏହାର ପ୍ରାଦୁର୍ଭାବ କମ୍ ହୋଇଥାଏ । ଏହା ବ୍ୟତୀତ ଗାତ ପ୍ରତି ଫୁରାଡୋନ୍ ବା କାର୍ବୋଫୁରାନ୍ ଦାନା ୧୦୦ ଗ୍ରାମ୍ ଦେଇ ଗଛ ଲଗାଇଲେ ନେମାଟୋଡ୍ ଆକ୍ରମଣ କମ୍ ହୋଇଥାଏ ।

## ପୋଟଳ ଅମଳ ବୃଦ୍ଧି ପାଇଁ କିଛି ସୂଚନା

ଉପଯୁକ୍ତ ବାୟୁ ସଞ୍ଚାଳନ ଏବଂ ସୂର୍ଯ୍ୟାଲୋକ ପାଇଁ ଗଛଗୁଡ଼ିକ ମଧରେ ସର୍ବୋତ୍ତମ ବ୍ୟବଧାନ ସୁନିଶ୍ଚିତ କରନ୍ତୁ । ମାଈ ଗଛ ଓ ଅଣ୍ଡିରା ଗଛର ଅନୁପାତ ୧୦: ୧ ରଖନ୍ତୁ । ଅର୍ଥାତ ୧୦ଟି ମାଈ ଗଛରେ ୧ଟି ଅଣ୍ଡିରା ଗଛ ଲଗାନ୍ତୁ । ଟ୍ରେଲିରେ ଗଛ ଗୁଡିକୁ ମଡାନ୍ତୁ । ମାଟିରେ ମଡାନ୍ତୁ ନାହିଁ । ଅଣୁ ସାରର ପ୍ରୟୋଗ କରନ୍ତୁ । ଜମିରେ ବତର ଦେଖି ଜଳସେଚନର ବ୍ୟବସ୍ଥା କରନ୍ତୁ । ବର୍ଷା ଦିନେ ପାଣିର ନିଷ୍କାସନର ବ୍ୟବସ୍ଥା କରନ୍ତୁ । ଜରି ବା ଶୁଖିଲା ଘାସ କୁଟା ଦ୍ୱାରା ମଲଚିଙ୍ଗ ବା ଆଚ୍ଛାଦନ କରନ୍ତୁ । ପରାଗ ସଂଗମ ପାଇଁ କିଭଳି ଅଧିକ ମହୁମାଛି, ଭଅଁର ସବୁ ଆସିପାରିବେ, ତାହାର ବ୍ୟବସ୍ଥା କରିବା ଉଚିତ । ସମନ୍ୱିତ କୀଟପତଙ୍ଗ ପରିଚାଳନା କୌଶଳ ପ୍ରୟୋଗ କରି ନିୟମିତ ଭାବରେ କୀଟପତଙ୍ଗ ନିରୀକ୍ଷଣ ଏବଂ ପରିଚାଳନା କରନ୍ତୁ ।

Shakti Organisation
Catalysing Sustainable Development

ashraya hastha trust

# ଉନ୍ନତ ପ୍ରଣାଳୀରେ ପୋଟଳ ଚାଷ



ହାଉସିଂ ବୋର୍ଡ କୋଲନୀ, ପୋ/ଜିଲ୍ଲା-ରାୟଗଡା, ଓଡିଶା
ପିନ୍- ୭୬୫୦୦୧
ଫୋନ୍ ନଂ.- ୦୬୮୫୬-୩୫୯୮୩୮

e-mail-shaktiorg@gmail.com,
www.shaktiorg.com
http://shaktiorg.blogspot.in